## ନୋଟିସ-୧

**ସଂଖ୍ୟା:** ୮୩୫୪ **ତାରିଖ: ०୮/୧୦/୨୦୨୫**

ଏତଦ୍ ଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ଅଞ୍ଚଳର ଯୋଗ୍ୟତାଧାରୀ ଇଚ୍ଛୁକ ଆବେଦନକାରୀ ମାନଙ୍କ ଠାରୁ

| କ୍ରମିକ ନମ୍ବର | ବସ୍ତି ର ନାମ | ୱାର୍ଡ ନମ୍ବର | ଖାଲିଥିବା ପଦ |
|---|---|---|---|
| ୧ | ଗୋପାଳପୁର ବସ୍ତି | ୱାର୍ଡ -୫୭ | ୧ |
| ୨ | ବାଟେଶ୍ୱର ବସ୍ତି | ୱାର୍ଡ -୪୮ | ୧ |
| | **ମୋଟ ପଦବୀ** | | ୨ |

ସହରାଞ୍ଚଳ ଉପରୁକ୍ତ ବସ୍ତି ଗୁଡିକରୁ ଆଶା ଚୟନ ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି। ଆବେଦନକାରୀ ନିର୍ଦ୍ଧାରିତ ଫର୍ମ ରେ ସମସ୍ତ ଯୋଗ୍ୟତା ପ୍ରମାଣ ପତ୍ରର ନକଲ ସଂଲଗ୍ନ କରି ଆଶା ଚୟନ ନିମନ୍ତେ ଆବେଦନ କରି ପାରିବେ । ଆବେଦନ ଫର୍ମ ନୋଟିସ ପ୍ରକାଶନର ୧୫ ଦିନ ବା ୨୮।୧୦।୨୦୨୫ ତାରିଖ ସନ୍ଧ୍ୟା ୪ ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଙ୍କ ପାଖରେ ପ୍ରଦତ୍ତ ଠିକଣା ରେ ଡାକ ମାଧ୍ୟମରେ ଯଥା ସ୍ପୀଡ ପୋଷ୍ଟ ଓ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ **"ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ ଅଧିକାରୀ, କଟକ କାର୍ଯ୍ୟାଳୟ, ବିକାଶ ଭବନ ବ୍ଲକ –ବି (ତଳ ମହଲା), ନେତାଜୀ ବସ ଷ୍ଟାଣ୍ଡ ପାଖ, ଖାନନଗର, ବାଦାମବାଡି, କଟକ, ପିନ-୭୫୩୦୧୨"** ରେ ଦାଖଲ କରିବେ। ନିର୍ଦ୍ଧାରିତ ସମୟସୀମା ପରେ ପହଞ୍ଚିଥିବା ଦରଖାସ୍ତ, ଆବଶ୍ୟକ ସଂଲଗ୍ନ ନଥିବା ଦରଖାସ୍ତ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକୁ ଚୟନ ନିମନ୍ତେ ବିଚାରକୁ ନିଆଯିବ ନାହିଁ ।

୧। ପ୍ରାର୍ଥିନୀ ନିଶ୍ଚିନ୍ତ ଭାବରେ ଜଣେ ମହିଳା (ବିବାହିତା /ବିଧବା/ ଛାଡପତ୍ର ପାଇଥିବା ମହିଳା) ହୋଇଥିବେ।

୨। ଆବେଦନ କରୁଥିବା ବସ୍ତି ର ଜଣେ ବାସିନ୍ଦା ହୋଇଥିବା ବାଞ୍ଛନୀୟ।

୩। ବୟସ ୨୫ ରୁ ୪୫ ବର୍ଷ ମଧ୍ଯ ରେ ହୋଇଥିବ।

୪। ଶିକ୍ଷାଗତ ଯୋଗ୍ୟତା ଦଶମ ହୋଇଥିବ।

**ଦରଖାସ୍ତ ସହ ଆବଶ୍ୟକ ସଂଲଗ୍ନକ କାଗଜପତ୍ର**

ନିମ୍ନଲିଖିତ ପ୍ରମାଣପତ୍ର ଗୁଡିକର ନକଲ ଆବେଦନ ଫର୍ମ ସହ ସଂଲଗ୍ନ ହେବା ବାଞ୍ଛନୀୟ। ସଂଲଗ୍ନକ କାଗଜପତ୍ର ଗୁଡିକୁ ପ୍ରାର୍ଥିନୀ ନିଜେ ନିଜ ସ୍ୱାକ୍ଷରରେ ପ୍ରମାଣିତ (ସେଲ୍ଫ ଆଟେଷ୍ଟେଡ) କରିଥିବା ଆବଶ୍ୟକ।

***ବାସିନ୍ଦା ପ୍ରମାଣପତ୍ର** : ତହସିଲଦାରଙ୍କ ପ୍ରଦତ୍ତ ବାସିନ୍ଦା ପ୍ରମାଣପତ୍ର /ରେସନ କାର୍ଡ /ବିପିଏଲ କାର୍ଡ/ ଭୋଟର ପରିଚୟପତ୍ର/ଇଲେକଟ୍ରିକ ବିଲ/ ଆଧାର କାର୍ଡ।

***ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର:** ଦଶମ ପାସ ପ୍ରମାଣ ପତ୍ର ଓ ମାର୍କସିଟ (ଅଧିକ ଶିକ୍ଷାଗତ ଯୋଗ୍ୟତା ଥିବା ସ୍ଥଳେ +୨ ପ୍ରମାଣ ପତ୍ର ଓ ମାର୍କସିଟ, +୩ ପ୍ରମାଣ ପତ୍ର ଓ ମାର୍କସିଟ,ପୋଷ୍ଟ ଗ୍ରାଜୁୟେଟ ପାସ ପ୍ରମାଣ ପତ୍ର ଓ ମାର୍କସିଟ ସଂଲଗ୍ନ ହେବା ଆବଶ୍ୟକ)।

***ଜାତିଗତ ପ୍ରମାଣପତ୍ର:** ତହସିଲଦାରଙ୍କ ପ୍ରଦତ୍ତ ଜାତିଗତ ପ୍ରମାଣପତ୍ର।

***ବିଧବା /ଛାଡପତ୍ର ପାଇଥିବା ମହିଳା ମାନେ** ତତ ସମ୍ପର୍କିତ ପ୍ରମାଣପତ୍ର ସଂଲଗ୍ନ କରିବା ଆବଶ୍ୟକ।

**ବିଶେଷ ଦ୍ରଷ୍ଟବ୍ୟ:** ଆଶା ଚୟନ ପ୍ରକ୍ରିୟା ସମୟରେ ଯଦି କୌଣସି ଅସଙ୍ଗତି କିମ୍ବା ତ୍ରୁଟି ଦେଖାଯାଏ, ତେବେ ଯେକୌଣସି ସମୟ ରେ ଆଶା ଚୟନ ପ୍ରକ୍ରିୟା କୁ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି।

ଡା. [signature]

**ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ ଅଧିକାରୀ, କଟକ**

ସଂଲଗ୍ନକ-୨

# ଆଶା ଚୟନ ନିମନ୍ତେ ଆବେଦନ ଦରଖାସ୍ତ ଫର୍ମ

ଏଠାରେ ଏକ ପାସ ପୋର୍ଟ ଫୋଟ ଲଗାନ୍ତୁ ଓ ଫୋଟୋ ଉପରେ ନିଜ ସ୍ୱାକ୍ଷର କରନ୍ତୁ।

ପ୍ରାପ୍ତେଷୁ

ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ଜନ ସ୍ୱାସ୍ଥ୍ୟ ଅଧିକାରୀ, କଟକ

୧। ଆବେଦନକାରୀଙ୍କ ନାମ:

୨। ସ୍ୱାମୀ /ଅଭିଭାବକଙ୍କ ନାମ:

୩। ସ୍ଥାୟୀ ଠିକଣା:

ମୋବାଇଲ ନମ୍ବର-

୪। ବାସିନ୍ଦା ପ୍ରମାଣପତ୍ର (ନକଲ ସଂଲଗ୍ନ କରନ୍ତୁ) : ନଂ: ତାରିଖ:

୫। ଜନ୍ମ ତାରିଖ :

(ଜନ୍ମ ତାରିଖ ପ୍ରମାଣପତ୍ର /ବିଦ୍ୟାଳୟ ପରିତ୍ୟାଗ ପ୍ରମାଣପତ୍ର /ଶ୍ରେଣୀ ଉତ୍ତୀର୍ଣ୍ଣ ପ୍ରମାଣପତ୍ରର ଅବିକଳ ନକଲ ସଂଲଗ୍ନ କରନ୍ତୁ)

୬। ବିଜ୍ଞପ୍ତି ପ୍ରକାଶନ ତାରିଖ ସୁଦ୍ଧା ବୟସ:

୭। ଜାତି (ଜାତିଗତ ପ୍ରମାଣ ପାତ୍ର ସଂଲଗ୍ନ କରନ୍ତୁ):

୮। ବୈବାହିକ ସ୍ଥିତି : (ଉପଯୁକ୍ତ ସ୍ଥାନରେ ଠିକ ଚିହ୍ନ ମାରନ୍ତୁ):

| ବିବାହିତ | ବିଧବା | ଛାଡପତ୍ର ପାଇଥିବା ମହିଳା |
|---|---|---|
| | | |

୯। ଶିକ୍ଷାଗତ ଯୋଗ୍ୟତା:

| କ୍ର. ସଂ | ପରୀକ୍ଷା | ବର୍ଷ | ଅନୁଷ୍ଠାନର ନାମ | ଫଳାଫଳ | ମୋଟ ନମ୍ବର | ପାଇଥିବା ନମ୍ବର | ଶତକଡା ନମ୍ବର |
|---|---|---|---|---|---|---|---|
| ୧ | ଦଶମ | | | | | | |
| ୨ | +୨ | | | | | | |
| ୩ | +୩ | | | | | | |
| ୪ | ପି .ଜି. | | | | | | |

୧୦। ଓଡ଼ିଆ ଲେଖିବା ଏବଂ ପଢ଼ିବା ର ଦକ୍ଷତା ଅଛି କି? (ହଁ/ନା)-

<u>**ସ୍ୱୀକାରୋକ୍ତି:**</u> ମୁଁ ମୋର ଜ୍ଞାତସାରରେ ଉପରୋକ୍ତ ତଥ୍ୟ ପ୍ରଦାନ କରୁଅଛି , ଯାହା ସମ୍ପୂର୍ଣ୍ଣ ସତ୍ୟ ଅଟେ। ଚୟନ ପ୍ରକ୍ରିୟା ବା ପରବର୍ତ୍ତୀ ସମୟରେ ପ୍ରଦତ୍ତ ତଥ୍ୟ ଭୁଲ ପ୍ରମାଣିତ ହେଲେ ଆଶା ଭାବରେ ମୋର ଚୟନ କୁ ଅସିଦ୍ଧ ଘୋଷଣା କରାଯିବ।

**ସ୍ଥାନ:**

**ତାରିଖ:** **ଆବେଦନକାରୀଙ୍କ ପୂର୍ଣ୍ଣ ସ୍ୱାକ୍ଷର**

**ବିଦ୍ର:** ଆବେଦନକାରୀ ନିଜେ ଫର୍ମଟିକୁ ପୂରଣ କରି ଚୟନ ନୋଟିସ ପ୍ରକାଶନର ୧୫ ଦିନ ମଧ୍ୟରେ ଆବଶ୍ୟକୀୟ ସଂଲଗ୍ନକ ସହ ସଂପୃକ୍ତ ଅଧିକାରୀଙ୍କ ପାଖରେ ଡାକ ମାଧ୍ୟମରେ ଯଥା ସ୍ପୀଡ ପୋଷ୍ଟ ଓ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ଦାଖଲ କରିବା ଆବଶ୍ୟକ ଅଟେ। ଦରଖାସ୍ତ ସହ ସଂଲଗ୍ନ ହେଉଥିବା ପ୍ରମାଣପତ୍ର ଗୁଡିକୁ ଆବେଦନକାରୀ ନିଜେ ଆଟେଷ୍ଟଡ କରିଥିବା ଆବଶ୍ୟକ। ଡାକ ସୁନିଶ୍ଚିତ ତାରିଖ ଓ ସମୟ ପରେ ପହଞ୍ଚିଲେ ଦରଖାସ୍ତ ରଦ୍ଦ କରାଯିବ।